

ବୌଦ୍ଧ ବିଶ୍ୱ ଯୁବକେନ୍ଦ୍ର ତରଫରୁ ସାମ୍ଭୋଚ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ

# ବଲାଙ୍ଗିରରେ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ବଲାଙ୍ଗିର, ୧୯।୪(ସମିସ)**

ଭାରତର ବିଭିନ୍ନ ସ୍ଥାନରେ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ପାଳିତ ହୋଇଛି। ଦୁଷ୍ଟଦଳନ ପାଇଁ ବିଷ୍ଣୁଙ୍କ ୬ଷ୍ଠ ଅବତାର ଭାବେ ଆଜି ଦିନରେ ଭଗବାନ ପର୍ଶୁରାମ ଜନ୍ମଗ୍ରହଣ କରିଥିଲେ। ସେହିକ୍ରମରେ ବଲାଙ୍ଗିରରେ ବ୍ରାହ୍ମଣମହାସଭା ଓ ପର୍ଶୁରାମ ବାହିନୀର ମିଳିତ ପ୍ରୟାସରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ପାଳନ ସହ ଏକ ସୁଦୃଶ୍ୟ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ସ୍ଥାନୀୟ ଆରଟିଓ ଅଫିସ ଛକରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି। ପର୍ଶୁରାମ ବାହିନୀର ସଭାପତି ବିଧୁଭୂଷଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଦିବ୍ୟ ଜୀବନ ସଂଘର ଓଡ଼ିଶା ଅଧ୍ୟକ୍ଷ ସ୍ୱାମୀ ଶିବାଚିଦାନନ୍ଦ ସରସ୍ୱତୀ ମହାରାଜ, ସର୍ବଭାରତୀୟ ବ୍ରାହ୍ମଣ ଫେଡେରେସନର ସଭାପତି ପ୍ରଦୀପ ଯୋଷୀ, ଉପସଭାପତି ଲୋକେନ୍ଦ୍ର ଶର୍ମା, ଅଲ୍ ଓଡ଼ିଶା ବ୍ରାହ୍ମଣ ମହାସଭାର ସଭାପତି ମହନ୍ତ ପର୍ଶୁରାମ ଦାସମହାରାଜ, ବ୍ରହ୍ମଚାରୀ ହରିଚରଣ ଦାସମହାରାଜ, ପର୍ଶୁରାମ ବାହିନୀର ରାଜ୍ୟସଭାପତି ଧିରେନ୍ଦ୍ର ନନ୍ଦ, ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ବଲାଙ୍ଗିର ଜିଲ୍ଲାର ବ୍ରାହ୍ମଣ ମହାସଭାର ସଭାପତି ପ୍ରାଣବଲ୍ଲଭ ତ୍ରିପାଠୀ, ସମ୍ପାଦକ ନରେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ୧୫ ଫୁଟ ଉଚ୍ଚତାର ପ୍ରାୟ ୧୫୦୦ କେଜିର ଧାତବ ପଦାର୍ଥରେ ନିର୍ମିତ ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ମୁଖ୍ୟଅତିଥି ଶ୍ରୀ ସିଂଦେଓ ତାଙ୍କ ବକ୍ତବ୍ୟରେ ଅବତାରୀପୁରୁଷ ଭଗବାନ ପର୍ଶୁରାମ ଅନ୍ୟାୟରେ ଲିପ୍ତଥିବା ଶାସକଗଣଙ୍କୁ ଶସ୍ତ୍ର ଉଠାଇ ଶାସ୍ତି ଦେଇ ସତ୍ୟ ଓ ନ୍ୟାୟ ପ୍ରତିଷ୍ଠା କରିଥିଲେ ବୋଲି କହିଥିଲେ। ପୌରାଧକ୍ଷା ଲିକା ସାହୁ ତାଙ୍କ ବକ୍ତବ୍ୟରେ ଦୀର୍ଘ ୨ବର୍ଷ ହେଲା ବ୍ରାହ୍ମଣମହାସଭା ପକ୍ଷରୁ ରଖାଯାଇଥିବା ଦାବି ଆଜି ପୂରଣ କରାଯାଇଛି। ଭଗବାନଙ୍କ ଏକ ଭବ୍ୟ ପ୍ରତିମୂର୍ତ୍ତିସ୍ଥାପନ ସହ ଆରଟିଓ ଛକକୁ ଏଣିକି ପର୍ଶୁରାମ ଛକରେ ନାମିତ କରାଯାଇଛି ବୋଲି କହିଥିଲେ। ଆଗକୁ ଏଠାରେ ସୌନ୍ଦର୍ଯ୍ୟକରଣ କାମ ମଧ୍ୟ କରାଯିବ ବୋଲି ଶ୍ରୀମତୀ ସାହୁ କହିଥିଲେ। ସେହିପରି ଦିବ୍ୟ ଜୀବନ ସଂଘର ଅଧ୍ୟକ୍ଷ ସ୍ୱାମୀ ଶିବାଚିଦାନନ୍ଦ ସରସ୍ୱତୀ ମହାରାଜ ଓ ଅନ୍ୟାନ୍ୟ ଅତିଥିଗଣ ଭଗବାନ ପର୍ଶୁରାମଙ୍କ ଅବତାରର ଉଦ୍ଦେଶ୍ୟ, କିଭଳି ଅନ୍ୟାୟ ବିରୋଧରେ ଜଣେ ବ୍ରାହ୍ମଣ ଶସ୍ତ୍ର ଉଠାଇ ସତ୍ୟ ଓ ନ୍ୟାୟ ସ୍ଥାପନ କରିଥିଲେ ସେ ବିଷୟରେ ବକ୍ତବ୍ୟ ରଖିଥିଲେ।



ସକାଳୁ ସ୍ଥାନୀୟ ନରସିଂହ ମନ୍ଦିରରେ ଏକ ଯଜ୍ଞ ଅୟୋଜିତ ହୋଇଥିଲା। ଦିନ ୧୧ଟାରେ ନରସିଂହ ମନ୍ଦିରଠାରୁ ପର୍ଶୁରାମ ବାହିନୀର ସଭାପତି ବିଧୁଭୂଷଣ ତ୍ରିପାଠୀ ଓ ବିଙ୍ଗ ହ୍ୟୁମ୍ୟାନ ଫାଉଣ୍ଡେସନର ସଭାପତି ସୋମନାଥ ମିଶ୍ରଙ୍କ ନେତୃତ୍ୱରେ ଏକ ମୋଟରସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଶହ ଶହ ପୁରୁଷ/ମହିଳା ଏଥିରେ ସାମିଲ ହୋଇଥିଲେ। ଆରଟିଓ ଅଫିସ ଛକରେ ପହଞ୍ଚିଲା ପରେ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିଲା। ସଂକୀର୍ତ୍ତନ ତ୍ରିପାଠୀ ସପତ୍ନୀକ କର୍ତ୍ତା ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣ ମହାସଭାର ଗୁରୁଶ୍ରୀ ଡ. ଘାସିରାମ ମିଶ୍ର, ନାଗରିକ କମିଟିର ସଭାପତି ଡ. ଶ୍ରୀକର ମିଶ୍ର, ଉପଦେଷ୍ଟା ଶିବଶଙ୍କର ଖ୍ୱାସ, ଜୟରାମ ମିଶ୍ର, ପର୍ଶୁରାମ ନାୟକ, ଉପସଭାପତି କିଶୋର ପୁରୋହିତ, ରାଜଶ୍ରୀ ତ୍ରିପାଠୀ, ଓକିଲ ସଂଘର ସଭାପତି ବାସୁଦେବ ରଥ, ପର୍ଶୁରାମ ବାହିନୀର ସମ୍ପାଦକ ସୁରେଶ ମିଶ୍ର, କୋଷାଧକ୍ଷ ସୁବ୍ରତରଞ୍ଜନ ମିଶ୍ର, ବ୍ରାହ୍ମଣ ମହାସଭାର କୋଷାଧକ୍ଷ ରାଜେନ୍ଦ୍ର ମିଶ୍ରଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ। ବିଜେଡିର ବରିଷ୍ଠ ନେତା ଲକ୍ଷ୍ମଣ ମେହେର, ନରସିଂହ ବାଗ, ଗୁଲାବ ବାଗ, ଧ୍ରୁବ କୁଏଡ ଯୋଗ ଦେଇଥିଲେ। ସଂଧ୍ୟାରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ କରାଯାଇଥିଲା। ଶୋଭାଯାତ୍ରା ନରସିଂହ ମନ୍ଦିରରୁ ବାହାରି ସହର ପରିକ୍ରମା କରି ପୁଣି ନରସିଂହ ମନ୍ଦିରକୁ ଫେରିଥିଲା।

# ବ୍ୟାପକ ଫସଲ ନଷ୍ଟ କଲେ ହାତୀପଲ, ଭାଙ୍ଗିଲେ ବୋରୱେଲ

## ଅଭିଯୋଗ କଲେ ଶୁଣୁନି ବନ ବିଭାଗ

**ବୌଦ୍ଧ, ୧୯।୪(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ନାରାୟଣ ନଗର ପଞ୍ଚାୟତ ଚାରିଶମ୍ଭୁ ଗ୍ରାମରେ ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ଗ୍ରାମର ପ୍ରଭୁଦତ୍ତ ପୁରୋହିତଙ୍କ ଅମଳ ହେବାକୁ ଥିବା ୫ ଏକରର ଧାନ ଫସଲ ନଷ୍ଟ କରିବା ସହ ଏକ ବୋରିଂକୁ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ସେହିପରି ଗ୍ରାମର ଅନେକ ଚାଷୀଙ୍କ ଏକର ଏକର ଧାନ ଫସଲ ହାତୀ ପଲ ମାଡି ଦଳି ନଷ୍ଟ କରିଛନ୍ତି। ଏ ନେଇ ଚାଷୀମାନେ ବନ ବିଭାଗ କର୍ମଚାରୀଙ୍କୁ ଜଣାଇଥିଲେ ସୁଦ୍ଧା କେହି ବି ଜଣେ କର୍ମଚାରୀ ଆସି ନ ଥିବା ଅଭିଯୋଗ କରିଛନ୍ତି। ବାରମ୍ବାର ହାତୀପଲ ଆସି ଫସଲ ନଷ୍ଟ କରୁଥିଲେ ମଧ୍ୟ ବନ ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ମଦ ବିକ୍ରି ବନ୍ଦ କରିବାକୁ ମହିଳା ପୁଲିସର ଦ୍ୱାରସ୍ଥ



**ତରଭା, ୧୯।୪(ସମିସ):** ମେଣ୍ଡା ଗ୍ରାମରେ ବେଆଇନ ମଦ ବିକ୍ରି ବନ୍ଦ କରିବା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ ନେଇ ତରଭା ଥାନାରେ ଅଭିଯୋଗ ହୋଇଛି। ବେଆଇନ କୁଟିଆ ମଦବିକ୍ରି ବନ୍ଦ କରିବାକୁ ଗ୍ରାମରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମେଣ୍ଡାରେ ହୋଇଥିବା ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇନି। ନିକଟରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମେଣ୍ଡା ଫାଣ୍ଡିକୁ ଯାଇ କୁଟିଆ ମଦବିକ୍ରି ବନ୍ଦ କରିବାକୁ ଦାବି କରିଥିଲେ। ଏହାକୁ ନେଇ ବେଆଇନ ମଦବିକ୍ରି କରୁଥିବା ଜଣେ ବ୍ୟକ୍ତି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନାଲି ଆଖି ଦେଖାଇଛନ୍ତି। ତାଙ୍କ ବିରୋଧରେ କାହିଁକି ଅଭିଯୋଗ କରାଯାଇଛି ବୋଲି କହି ସମ୍ପୃକ୍ତ ବ୍ୟକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଛି। ଏ ସମ୍ବନ୍ଧରେ ମହିଳାମାନେ ମେଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୁଣି ତରଭା ଥାନାକୁ ଆସି ତୁରନ୍ତ ଅଭିଯୁକ୍ତକୁ ଗିରଫ କରିବାକୁ ନିବେଦନ କରିଥିଲେ। ସମ୍ପୃକ୍ତ ବ୍ୟକ୍ତିକୁ ଅଟକ ରଖି ତଦନ୍ତ ଚାଲିଥିବା ତରଭା ଥାନା ଆଇଆଇସି ଅନିତା କିଡୋ କହିଛନ୍ତି।

# ସୁବର୍ଣ୍ଣପୁରରେ ୨୧ରୁ ସିଏମ୍ ଟ୍ରଫି



**ତରଭା, ୧୯।୪(ସମିସ):** ସୁବର୍ଣ୍ଣପୁରରେ ସିଏମ ଟ୍ରଫି ଆୟୋଜନ ନେଇ ଏମକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମିନି କନଫରେନ୍ସ ହଲ୍‌ରେ ଏହା ଅନୁଷ୍ଠିତ ଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ଉପଜିଲ୍ଲାପାଳ ଡ. ସୌମ୍ୟରୂପା ରଥ, ଉପଖଣ୍ଡ ପୁଲିସ ଅଧିକାରୀ କଲ୍ୟାଣୀ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବାଲାଜୀ ବିଶ୍ୱନାଥ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସିଏମ ଟ୍ରଫି ୨୧ ଓ ୨୨ରେ ଅନୁଷ୍ଠିତ ହେବ। ଜିଲ୍ଲାର ୬ଟି ବ୍ଲକରୁ ଖେଳାଳି ଏଥିରେ ଅଂଶଗ୍ରହଣ କରିବେ। ଭଲିବଲ୍ ଓ ଖୋ-ଖୋ (୧୪ ବର୍ଷରୁ କମ୍) ଏବଂ କବାଡ଼ି (୧୬ ବର୍ଷରୁ କମ୍) ଆୟୋଜିତ ହେବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏସଓପି କଡାକଡି ଭାବେ ଅନୁସରଣ କରାଯିବ। ସକାଳ ଏବଂ ଅପରାହ୍ନରେ କ୍ରୀଡ଼ା ଆୟୋଜନ କରାଯିବ। ଏହାଦ୍ୱାରା ଖେଳାଳି ତାତିରୁ ରକ୍ଷା ପାଇପାରିବେ ବୋଲି କୁହାଯାଇଛି। ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର କହିଛନ୍ତି ଯେ ସିଏମ ଟ୍ରଫିର ସୁଚାରୁ ଓ ସୁରକ୍ଷିତ ଆୟୋଜନ ପାଇଁ ସମସ୍ତ ପ୍ରସ୍ତୁତି କରାଯାଉଛି। ଖେଳାଳିଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ବୈଠକରେ କ୍ରୀଡାର ସଫଳ ଆୟୋଜନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା।

# ହାତୀ ଦଳିଦେଲେ ଡାଲୁଅ ଧାନଚାଷ



**ଜହ୍ନାପଙ୍କ, ୧୯।୪(ସମିସ):** ବୌଦ୍ଧ ବନଖଣ୍ଡ ବଲାସିଙ୍ଗା ସହରୀ ବନୀକରଣ ଜଙ୍ଗଲରେ ୧୨ଟି ହାତୀ ରହିଛନ୍ତି। ଶନିବାର ରାତିରେ ଏହି ହାତୀ ପଲ ସାଲୁଙ୍କି ନଦୀ ପାର ହୋଇ ଖୁଣ୍ଟବନ୍ଧ ପଞ୍ଚାୟତ ଚଣ୍ଡୀଗଡ଼ ଓ ଜଗନ୍ନାଥପୁର ଅଞ୍ଚଳକୁ ପଳାଇ ଆସିଥିଲେ। ସେଠାରୁ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଜଗତି ଲକ୍ଷ୍ମୀପ୍ରସାଦ, ସପଦୋହଲି, କଉଡ଼ିଆତୋଳା ଗ୍ରାମରେ ପାଚିବାକୁ ଥିବା ଡାଲୁଅ ଧାନ ଚାଷ ଖାଇବା ସହ ମାଡି ମଚକି ନଷ୍ଟ କରି ଦେଇଛନ୍ତି। ପ୍ରଥମେ ହାତୀ ପଲ ଗୁଡିକ ମହାନଦୀ କଡେ କଡେ ଯାଇ ବଛା ବଳଦ ବାଟ ଦେଇ ସାପଦୋହଲି ଅଞ୍ଚଳକୁ ପ୍ରବେଶ କରି ଧାନ ଖାଇବା ଆରମ୍ଭ କରିଥିଲେ। ଏଥିରେ ସାପଦୋହଲି ଗ୍ରାମର ଝରିଆ ଜଟିଙ୍କ ୩ ଏକର, ଗାନ୍ଧୀ ଜଟିଙ୍କ ୨ ଏକର, ଦୁଲ୍ଲ ଜଟିଙ୍କ ୧ ଏକର, ଲକ୍ଷ୍ମୀପ୍ରସାଦର ନାରାୟଣ ଶତପଥୀଙ୍କ ୩ ଏକର, ମିଥିଳା ନାଏକଙ୍କ ୨ ଏକର, ବୀରମଣି ପୁରୋହିତଙ୍କ ୫ ଏକର ଡାଲୁଅ ଧାନ ସହ ଅନ୍ୟ କେତେକ ଚାଷୀଙ୍କ ମଧ୍ୟ ଧାନ ହାତୀ ପଲ ଖାଇ ଦଳି ଦେଇଛନ୍ତି। ଏହାସହ କେତେକ ଚାଷୀଙ୍କ ପନିପରିବା ନଷ୍ଟ କରିଥିବା ଜଣାପଡ଼ିଛି। ବିରମଣି ପୁରୋହିତଙ୍କ ଏକ ବୋରିଂ କୂପ ଭାଙ୍ଗି ଓ ତାଡି ନଷ୍ଟ କରିଛନ୍ତି। ସେହିପରି ଗାନ୍ଧୀ ଜଟିଙ୍କ ବିଛା ଯାଇଥିବା ପାଣି ପାଇପ୍ ଭାଙ୍ଗି ଫିଙ୍ଗି ଦେଇଛନ୍ତି। ଏନେଇ ଗ୍ରାମବାସୀଙ୍କଠାରୁ ସୂଚନା ପାଇ ବନ ବିଭାଗ କର୍ମଚାରୀ ଅଞ୍ଚଳର ପରିଦର୍ଶନ କରିଛନ୍ତି। ଗ୍ରାମବାସୀଙ୍କ ସହ କ୍ଷୟକ୍ଷତି ନେଇ ଆକଳନ କରିଛନ୍ତି। ତେବେ ରାତିରେ ହାତୀ ପଲ ଲକ୍ଷ୍ମୀପ୍ରସାଦ ଅଞ୍ଚଳରେ ଫସଲ ନଷ୍ଟ କରିବା ସହ ବଲାସିଙ୍ଗା ଅଞ୍ଚଳକୁ ପଳାଇ ଯାଇଛନ୍ତି ବୋଲି ଅନୁମାନ କରାଯାଉଛି। ବଞ୍ଚି ରହିଥିବା କିଛି ଫସଲ ପୁଣି ନଷ୍ଟ କରି ଦେବେ ବୋଲି ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି।

# ଗଛକୁ ଧକ୍କା ଦେଇ କାର୍ ଦୁର୍ଘଟଣାଗ୍ରସ୍ତ : ୬ ଗୁରୁତର

**ଜହ୍ନାପଙ୍କ, ୧୯।୪(ସମିସ):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ବୌଦ୍ଧ ଥାନା ଜହ୍ନାପଙ୍କ ଗାୟତ୍ରୀ ପ୍ରଜ୍ଞାପୀଠ ନିକଟରେ ଦୁର୍ଘଟଣା ଘଟିଛି। ଗୋଟିଏ କାରର ଆଗ ଚକ ଫାଟିଯିବାରୁ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ଏହାଫଳରେ ଜଣେ ନବ ଜାତକ ଶିଶୁ ସହ ମୋଟ ୬ ଜଣ ଗୁରୁତର ହୋଇଛନ୍ତି। ତେବେ ଗଛକୁ ଧକ୍କା ଦେବା ପରେ ଗାଡିର ଇଞ୍ଜିନରେ ନିଆଁ ଲାଗି ଯାଇଥିଲା। ଏହା ଦେଖି ତୁରନ୍ତ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ବୌଦ୍ଧ ସହର ବଗିଚା ସାହିର ଶୁଭାଶିଷ ଆଚାର୍ଯ୍ୟ, ତାଙ୍କ ପତ୍ନୀ ସ୍ୱସ୍ତିକା ହୋତା, ଶାଶୁ କମଳିନୀ ହୋତା, ୭ ବର୍ଷର ପୁଅ ଶ୍ରୀୟାନ୍ସ ଆଚାର୍ଯ୍ୟ ଓ ଏକ ୪ ଦିନର ନବ ଜାତକ ଶିଶୁ ଏହି କାର ଯୋଗେ ଟିଟିଲାଗଡ଼ରୁ ବୌଦ୍ଧ ଫେରୁଥିଲେ। ଦୁର୍ଘଟଣା ପରେ ନିକଟରେ ଥିବା ବିଦ୍ୟୁତ ଫିଡରର କର୍ମଚାରୀ ଓ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ପଠାଇଥିଲେ। ଦୁର୍ଘଟଣାରେ କାର ଚାଳକ ପ୍ରଭୁଦତ୍ତ ସିଂ ମଧ୍ୟ ଗୁରୁତର ହୋଇଛନ୍ତି।

# ସୁବଳୟାରେ ଏ ପର୍ଯ୍ୟନ୍ତ ସ୍ଥାୟୀ ସରକାରୀ ବସଷ୍ଟାଣ୍ଡ ନାହିଁ

**ବୀରମହାରାଜପୁର, ୧୯।୪(ସମିସ):** ବୀରମହାରାଜପୁର ବ୍ଲକ ସୁବଳୟାରେ ଏକ ସ୍ଥାୟୀ ସରକାରୀ ବସଷ୍ଟାଣ୍ଡ ନାହିଁ। ଏଣୁ ଯାତ୍ରୀ ତଥା ଜନସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷ ସାରା ଖରା, ବର୍ଷା, ଶୀତ କାକରରେ ରାସ୍ତା କଡ଼ରେ ଘଣ୍ଟା ଘଣ୍ଟା ଧରି ଦୂର ସ୍ଥାନକୁ ଯିବାକୁ ବସ୍‌କୁ ଅପେକ୍ଷା କରିବାକୁ ପଡୁଛି। ସୁବଳୟା ଅଞ୍ଚଳର ଲୋକମାନେ ଏଠାରେ ଏକ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେଲା ଦାବି କରିଆସୁଛନ୍ତି। ଆଜି ପର୍ଯ୍ୟନ୍ତ ସରକାରଙ୍କ ବସଷ୍ଟାଣ୍ଡଟିଏ ନିର୍ମାଣ କରାଯାଇପାରିନାହିଁ। ସୁବଳୟା ଏକ ଗଡ଼ଜାତଅଞ୍ଚଳ ଓ ବ୍ୟବସାୟର ପେଣ୍ଠସ୍ଥଳ ଭାବେ ପରିଚିତ। ଏଠାରେ ଏକ ଦୈନିକ ବଜାର, ସ୍କୁଲ୍, କଲେଜ୍, ଡାକଖାନା, ଥାନା, ବ୍ୟାଙ୍କ୍, ଆରଆଇ ଅଫିସ୍ ଓ ବିଭିନ୍ନ କାର୍ଯ୍ୟାଳୟ ରହିଛି। ହଜାର ହଜାର ଲୋକେ ସୁବଳୟା ଉପରେ ସକଳ ହେଲେ ନିର୍ଭର କରିଥାନ୍ତି। ଏଠାରୁ ପ୍ରତ୍ୟେକ ଦିନ ବହୁ ଯାତ୍ରୀ ବସ୍ ବୀରମହାରାଜପୁର, ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ରାୟପୁର, ରେଢ଼ାଖୋଲ, କଟକ, ଭୁବନେଶ୍ୱର, ପୁରୀ ଆଦି ସ୍ଥାନକୁ ଯା ଆସ କରୁଛି; କିନ୍ତୁ ଏଠରେ ଏକ ସ୍ଥାୟୀ ବସଷ୍ଟାଣ୍ଡ ନ ଥିବାରୁ ଦୂର ଦୁରନ୍ତର ସ୍ଥାନକୁ ଯା ଆସ କରୁଥିବା ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ବ୍ୟବସାୟୀ ବସ୍‌ରେ ନିୟମିତ ବାହାରୁ ବିଭିନ୍ନ ଜିନିଷ ଆଣୁଥିବା ହେଉଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନାହିଁ।

# ନବ ନିଯୁକ୍ତ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା

**ବୌଦ୍ଧ, ୧୯।୪(ସମିସ):** ବୌଦ୍ଧ ଟାଉନ୍ ହଲରେ ନବ ନିଯୁକ୍ତ ଜିଲ୍ଲା କଂଗ୍ରେସ କମିଟି ସଭାପତି ଅବଦୁଲ କଲିମ୍ ଖାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ନବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ବୌଦ୍ଧ ବିଧାୟକ ସୁଜିତ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ କଂଗ୍ରେସ ସଭାପତି ଅଚ୍ୟୁତ କର୍ଣ୍ଣ, କଣ୍ଟାମାଳ ବ୍ଲକ ସଭାପତି ହୃଦାନନ୍ଦ କହଁର, ବୌଦ୍ଧ ଟାଉନ କଂଗ୍ରେସ ସଭାପତି ତପନ ରାଉତରାୟ, ବରିଷ୍ଠ କଂଗ୍ରେସ ନେତା କେଶବ ଚନ୍ଦ୍ର କ୍ଷେତି, ପ୍ରଦୀପ ମହାନନ୍ଦ, ସମରେଶ ମିଶ୍ର, ମହେଶ୍ୱର ପ୍ରଧାନ, ରଘୁନାଥ ପଲିଆ, ପ୍ରତ୍ୟୁଷ ମହାନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ।

## ବାଘ ରେଳ ଷ୍ଟେସନ ପାଇଁ ସମୀକ୍ଷା

**ଶଗଡ଼ା, ୧୯।୪(ସମିସ):** ବୌଦ୍ଧ ଜିଲ୍ଲା ବାଘ ରେଳ ଷ୍ଟେସନକୁ ନେଇ ଗୁଡୁଗୁଡା ବଜାର ପରିସରରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ। ରେଳ ପ୍ରକଳ୍ପର ଅଗ୍ରଗତି ସହ ଷ୍ଟେସନ ନିର୍ମାଣ ଦ୍ୱାରା ଅଞ୍ଚଳର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଉପସ୍ଥିତ ଅତିଥିମାନେ ରେଳ ସଂଯୋଗୀକରଣ ଦ୍ୱାରା ବାଉଁଶୁଣୀ ତଥା ଆଖପାଖ ଅଞ୍ଚଳର ବ୍ୟବସାୟ ଓ ଯାତାୟାତ କ୍ଷେତ୍ରରେ କିପରି ପରିବର୍ତ୍ତନ ଆସିବ ସେ ନେଇ ନିଜ ନିଜର ମତ ରଖିଥିଲେ। ଏହି ବୈଠକରେ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ରେଳ ପ୍ରକଳ୍ପ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ସରକାର ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଅଞ୍ଚଳର ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ।

# ମଲିକୁଦରେ ଆମ୍ବେଦକର ଜୟନ୍ତୀ



**କଣ୍ଟାମାଳ, ୧୯।୪ (ସମିସ):** ବୌଦ୍ଧ ଜିଲ୍ଲା ବିଜେପି ପକ୍ଷରୁ କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ମଲିକୁଦ ଗ୍ରାମରେ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଛି। ବରଗାଁ ସମିତି ସଭ୍ୟା ଅଙ୍ଗୁରୀ ତାଣ୍ଡି, ଆଇନଜୀବୀ ଚିତ୍ତରଞ୍ଜନ ପାତ୍ର, ଠାକୁର ଚରଣ ନାଏକ, ଘଣ୍ଟାପଡ଼ା ମଣ୍ଡଳ ସଭାପତି ଗୋପୀନାଥ କହଁର, ଦଳିତ ସମାଜର ସଭାପତି ଲଳିତ ମହାନନ୍ଦ, ସମ୍ପାଦକ ଦୟାନିଧି ମହାନନ୍ଦ, ଗାଁ କମିଟି ସମ୍ପାଦକ ଭକ୍ତବନ୍ଧୁ ବଣ୍ଡକି, ଆମ୍ବେଦକର କମିଟି ସମ୍ପାଦକ ସୁବାସ ମହାନନ୍ଦ, ଧ୍ରୁବଚରଣ ମହାନନ୍ଦ, ଗଣମାଧ୍ୟମ ପ୍ରତିନିଧି ପ୍ରଭାତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଏସସି ମୋର୍ଚ୍ଚାର ସଭାପତି ରାମଚନ୍ଦ୍ର ତାଣ୍ଡି ଧନ୍ୟବାଦ ଦେଇଥିଲେ।

# ତରଭା ଅଞ୍ଚଳରେ ଜନ ଗଣନା ଆରମ୍ଭ

**ତରଭା, ୧୯।୪(ସମିସ):** ତରଭା ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ୨୦୨୭ ଜନ ଗଣନା ପାଇଁ ଘର ନମ୍ବରିଂ କାର୍ଯ୍ୟ ଶନିବାର ଶେଷ ହୋଇଛି। ରବିବାରରୁ ଗଣନାକାରୀ ଘରକୁ ଘର ଯାଇ ପ୍ରଶ୍ନ ପଚାରିବା କାର୍ଯ୍ୟ ଆରମ୍ଭ କରିଛନ୍ତି। ତରଭା ବ୍ଲକର ଗ୍ରାମାଞ୍ଚଳ ପାଇଁ ଜନ ଗଣନା ଅଧିକାରୀ ଦାୟିତ୍ୱରେ ତରଭା ତହସିଲଦାର ଶ୍ୱେତାଲିନା ମାହାଣା ରହିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ୧୯୮ ଜଣ ଗଣନାକାରୀ ଓ ୩୩ ଜଣ ପର୍ଯ୍ୟବେକ୍ଷକ ଜନ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସେହିଭଳି ତରଭା ଏନ୍‌ଏସି ଜନ ଗଣନା ଅଧିକାରୀ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲିକଙ୍କ ତତ୍ତ୍ୱାବଧାନରେ ୧୪ ଜଣ ଗଣନାକାରୀ ଓ ୨ ଜଣ ପର୍ଯ୍ୟବେକ୍ଷକ ଘରକୁ ଘର ଯାଇ ଗୃହକର୍ତ୍ତାଙ୍କୁ ୩୩ଟି ପ୍ରଶ୍ନ ପଚାରୁଛନ୍ତି। ଜନସାଧାରଣ ଉତ୍ସାହର ସହ ଗଣନାକାରୀଙ୍କୁ ସହଯୋଗ କରୁଥିବା ଦେଖିବାକୁ ମିଳିଛି। ମେ ୧୫ ତାରିଖ ପର୍ଯ୍ୟନ୍ତ ଏହି ଗଣନା କାର୍ଯ୍ୟ ଚାଲିବ।

# ବାଲ୍ୟ ବିବାହ ରୋକିବାକୁ ସଚେତନତା ଆବଶ୍ୟକ

## ଅକ୍ଷୟ ତୃତୀୟାରେ ଅଧିକ ବାଲ୍ୟ ବିବାହ ଆଶଙ୍କା ଥାଏ

**ବୀରମହାରାଜପୁର, ୧୯।୪(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଭାଗୃହରେ ବାଲ୍ୟ ବିବାହ ରୋକିବା ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଯାଇଛି। ବୀରମହାରାଜପୁର ସିଡିପିଓ ଝରଣା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ସୁବର୍ଣ୍ଣପୁର ଜିଲ୍ଲା ପୁଲିସ ତରଫରୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରେଣୁକା ସୁନା ଯୋଗଦେଇ ବାଲ୍ୟ ବିବାହ ରୋକିବା ପାଇଁ ଜନ ସଚେତନତାର ଆବଶ୍ୟକତା ରହିଛି ବୋଲି କହିଥିଲେ। ବିଶେଷ ଭାବେ ଅକ୍ଷୟ ତୃତୀୟାରେ ବିବାହ ଲାଗି ସମସ୍ତେ ପ୍ରସ୍ତୁତ ହୋଇ ଥାନ୍ତି। ଏହିଦିନ ଅନେକ ଗୁଡ଼ିଏ ବିବାହ ଲଗ୍ନ ଧାର୍ଯ୍ୟ ହୋଇଥାଏ। ଏହିଦିନ ବାଲ୍ୟବିବାହ ଆଶଙ୍କା ବେଶୀ ଥାଏ। ଏଥିପାଇଁ ନିର୍ବାଚିତ ପ୍ରତିନିଧି, ମନ୍ଦିର ପରିଚଳନା କମିଟିର କର୍ମକର୍ତ୍ତା ସତର୍କ ରହିବା ଦରକାର ବୋଲି ପୁଲିସ ଅଧିକାରୀ କହିଥିଲେ। ବିବାହ କରୁଥିବା ପଣ୍ଡିତ, ରୋଷେୟା, ଟେଣ୍ଟ ହାଉସ, ନିମନ୍ତ୍ରଣ ପତ୍ର ଛାପୁଥିବ ବ୍ୟକ୍ତି ବିଶେଷ ସମସ୍ତଙ୍କ ଦାୟିତ୍ୱ ରହିଛି। ଉଭୟ ବର ଓ କନ୍ୟାର ବୟସ ପ୍ରମାଣ ପତ୍ର ଦେଖି ବିବାହ କାର୍ଯ୍ୟ କରାଯିବା ଉଚିତ। ନ ହେଲେ ଆଇନ୍ ଅନୁସାରେ ସମସ୍ତେ ଦଣ୍ଡିତ ହେବେ ବୋଲି ପୁଲିସ ଅଧିକାରୀ କହିଥିଲେ। ଜିଲ୍ଲା ଶିଶୁ ଅଧିକାରୀ ଚତୁର୍ଭୁଜ ଦାସ ଯୋଗଦେଇ ବାଲ୍ୟ ବିବାହ ରୋକିବା ପାଇଁ ଅଙ୍ଗନବାଡ଼ି କର୍ମୀ, ସରପଞ୍ଚ, ୱାର୍ଡ ମେମ୍ବରଙ୍କୁ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ବୀରମହାରାଜପୁର ଅତିରିକ୍ତ ବିଡିଓ ପୁରୁଷୋତ୍ତମ ଧାରୁଆ, ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟନାରାୟଣ ନନ୍ଦ, ସିଡିପିଓ ଅଫିସର ରୁଦ୍ରପ୍ରସାଦ ମିଶ୍ର, ଯୁଗଳ କିଶୋର ମିଶ୍ର ଯୋଗଦେଇ ବାଲ୍ୟ ବିବାହ ରୋକିବା ନିମନ୍ତେ ନିଜ ନିଜ ବକ୍ତବ୍ୟ ରଖିଥିଲେ।

- ଜନପ୍ରତିନିଧି, ମନ୍ଦିର ପରିଚଳନା କମିଟି ସତର୍କ ରହିବାକୁ ପରାମର୍ଶ
- ପଣ୍ଡିତ, ରୋଷେୟା, ଟେଣ୍ଟ ହାଉସ, ନିମନ୍ତ୍ରଣ ପତ୍ର ଛାପୁଥିବ ବ୍ୟକ୍ତି ସମସ୍ତଙ୍କ ଦାୟିତ୍ୱ ରହିଛି
- ଉଭୟ ବର ଓ କନ୍ୟାର ବୟସ ପ୍ରମାଣ ପତ୍ର ଦେଖି ବିବାହ କାର୍ଯ୍ୟ କରାଯିବାକୁ ଆହ୍ୱାନ
- ଆଇନ୍ ଅନୁସାରେ ସମସ୍ତେ ଦଣ୍ଡିତ ହେବେ




# ସମଲେଇଚୁଆଁ ଉଚ୍ଚ ବିଦ୍ୟାଳୟ ୨୦୦୧ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

**ଡୁଙ୍ଗୁରିପାଲି, ୧୯।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁ ଉଚ୍ଚ ବିଦ୍ୟାଳୟ ୨୦୦୧ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଆନନ୍ଦ ପଧାନ, ଦୌଲତ ମଲ୍ଲିକ, ଡିଲେ ସାହୁ, ନରେନ୍ଦ୍ର ସାହୁ, ଦୁଷ୍ମନ୍ତ ପଧାନ, କର୍ମଚାରୀ ଘନଶ୍ୟାମ ପଧାନ, ସୁରୁବାବୁ ରାଜହଂସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଦୀପ ଖମାରୀ, ଆଶିଷ ମଲ୍ଲିକ, ସୂର୍ଯ୍ୟଭାନୁ ସେଠୀ, ଅରବିନ୍ଦ ଭୋଇ, ସୂର୍ଯ୍ୟ ଖମାରୀ, ନରେନ୍ଦ୍ର ପୁରୋହିତ, କୀର୍ତ୍ତନ ବେହେରା, ଭୋଳାନାଥ ପଧାନ, ଲିଙ୍ଗରାଜ ପଧାନ, ନିର୍ମଳ ତରିଆ, ବିଜୟ ପଧାନ, ସୁରେନ୍ଦ୍ର ନାଏକ, ବେଲାରସେନ ବିଭାର, ଲିଙ୍ଗରାଜ ପଧାନ, ରାଜେନ୍ଦ୍ର ଗାଲ, ବଦ୍ରୀନାଥ ବିଶ୍ୱାଳ, ତରଣୀ ଭୁଏ, ଶଙ୍କର ସେଠୀ, ଧୀରେନ୍ଦ୍ର ବିଶ୍ୱାଳ, ରୋହିତ ବରିହା, ମଛିନ୍ଦ୍ର ନାଗ, ବୀରେନ୍ଦ୍ର ପଧାନ, ସ୍ନିଗ୍ଧାରାଣୀ ତ୍ରିପାଠୀ, ପଦ୍ମାସିନୀ ତ୍ରିପାଠୀ, ଲୀଳାବତୀ ଗଡ଼ତିଆ, ଭୋଜବନ୍ତି ସାହୁ, ପ୍ରଭାତୀ ପଧାନ, ଆହ୍ଲାଦିନୀ ସେଠୀ, ଜନତା ବିଶି, କାନ୍ତିଲତା ନାଏକ, କଳ୍ପନା ନାଏକ, ତପସ୍ୱିନୀ ବଗର୍ତ୍ତୀ, ଇନ୍ଦୁରେଖା ତରିଆ, ଦେବକୀ ବିଶ୍ୱାଳ, ସୁନିତା ଗଡ଼ତିଆ, ପୁଷ୍ପାଞ୍ଜଳି ପଣ୍ଡା, କହଡ଼ମଣି ଯୁଆଡ଼ି, ଜ୍ୟୋତିର୍ମୟୀ ପଧାନ, ଦ୍ରୌପଦୀ ଖମାରୀ, ମଥୁରା ଭୁଏ, ନାସୁତା ବିଶ୍ୱାଳ ପ୍ରମୁଖ ୨୦୦୧ ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



